
ଥେରୁବାଲି ପାଇକପଡାସ୍ଥିତ ପାତାଳେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।


ବିଷମକଟକ ଚାଟିକଣାସ୍ଥିତ ପାତାଳେଶ୍ୱରଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ।


ମହାଶିବରାତ୍ରି ଉପଲକ୍ଷେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।


ରାୟଗଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି।

# ମୀନ ରୂପରେ ଦର୍ଶନ ଦେଲେ ମହାଦେବ

## ଚନ୍ଦ୍ରପୁର ମୀନାଖୋଲା ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ଚନ୍ଦ୍ରପୁର, ୨୧।୨(ଡି.ଏନ୍.ଏ.)

ଦକ୍ଷିଣ ଓଡ଼ିଶାର ତ୍ରିବେଣୀ ଘାଟଭାବେ ଜଣାଶୁଣା ବଂଶଧାରା, ଫଳଫଳିଆ ଓ ଚାଉଳଧୂଆ ନଦୀର ସଙ୍ଗମସ୍ଥଳ। ଏଠାରେ ରହିଥିବା ମୀନାଖୋଲା ଶୈବପୀଠରେ ଶୁକ୍ରବାର ଜାଗର ଯାତ୍ରା ଦେଖିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଜମିଛି। ବଡ଼ ବଡ଼ ପଥର କୋଣରୁ ମୀନ ଆକୃତିରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ହରହର ମହାଦେବ। ଏଠାକୁ ଆସି ପୂଜାପାଠ କଲେ ମାନସିକ ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଥିପାଇଁ ଏଠାରେ ରାୟଗଡ଼ା ଜିଲା ସମେତ ପଡୋଶୀ ଆନ୍ଧ୍ର ଅଞ୍ଚଳରୁ ମଧ୍ୟ ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଆସିଛନ୍ତି। ଶୁକ୍ରବାର ଭୋର ପ୍ରାୟ ୪ଟାରୁ ଠାକୁରଙ୍କ ପୂଜା ଆରମ୍ଭ ହୋଇଥିଲା। କୁନି କୁନି ଶିଶୁ ମୁଣ୍ଡନ ହୋଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଚନ୍ଦ୍ରପୁର ପୋଲିସ ବିଏସ୍ଏଫ୍ ଯବାନ ମୁତୟନ ହୋଇଛନ୍ତି ବୋଲି ଚନ୍ଦ୍ରପୁର ଭାରାପ୍ରାପ୍ତ ଥାନାଧିକାରୀ ଅରୁଣ ନାୟକ କହିଛନ୍ତି। ଭକ୍ତଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାତ୍ରା ସ୍ଥାନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟଲ ଖୋଲାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପିଇବା ପାଣି ବ୍ୟବସ୍ଥା ସହ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ଗୁରୁବାର ଦିନ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ପିଏ ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ ପ୍ରମୁଖ ପ୍ରଶାସନିକ ଅଧିକାରୀ ଯାତ୍ରା ସ୍ଥଳ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଶୁକ୍ରବାର ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ତହସିଲଦାର ମାନସ ଘଡେଇ, ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପ୍ରଟିଙ୍ଗା, ହନୁମନ୍ତପୁର ସରପଞ୍ଚ କାଉମୁନିଙ୍କ ସହ ରାଜସ୍ୱ, ପଞ୍ଚାୟତି ରାଜ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଉପସ୍ଥିତ ଥିଲେ।


ମହାଦେବଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ।

# କୋଡିଙ୍ଗାମାଳି ଖଣି ଖନନ ବନ୍ଦ ଦାବି

## କୋଡିଙ୍ଗା ମାଳି ସୁରକ୍ଷା ମଞ୍ଚ ବୈଠକ

ଟିକିରି, ୨୧।୨(ଡି.ଏନ୍.ଏ.)

ରାୟଗଡ ଜିଲା କାଶୀପୁର ବ୍ଲକ କଂସାରୀଗୁଡା ଛକରେ କୋଡିଙ୍ଗା ମାଳି ସୁରକ୍ଷା ମଞ୍ଚର ଏକବୈଠକ ଅନୁଷ୍ଠିତ ହୋଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ନୀଳକଣ୍ଠ ଝୋଡିଆ ପ୍ରମୁଖ ମଞ୍ଚାସୀନ ଥିଲେ। କୋଡିଙ୍ଗା ମାଳି ସୁରକ୍ଷା ମଞ୍ଚ ପକ୍ଷରୁ ୧୯ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ଦିଆଯାଇଛି। ଆଦିବାସୀଙ୍କ ଜଙ୍ଗଲ ଜମି ଓ ପାଣିକୁ ସୁରକ୍ଷା, ରାଜ୍ୟ ସରକାର ଖଣି ଅଞ୍ଚଳ ପାଇଁ ଘୋଷଣା କରିଥିବା ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରନ୍ତୁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଯେଉଁ ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ ହୋଇନି ସେ ପର୍ଯ୍ୟନ୍ତ କୋଡିଙ୍ଗାମାଳି ଖଣିକୁ ବନ୍ଦ କରାଯାଉ ବୋଲି ଦାବି କରାଯାଇଛି। ଖଣି ପ୍ରଭାବିତ ଅଞ୍ଚଳରେ ସୁପର ହସ୍‌ପିଟାଲ, ଗମନାଗମନ ପାଇଁ ପକ୍କା ରାସ୍ତା, ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ଦାବି ହୋଇଛି। ସେହିଭଳି ଖଣି ପ୍ରଭାବିତ ଅଞ୍ଚଳକୁ ବିଜୁଳି ବ୍ୟବସ୍ଥା, ଦିବ୍ୟାଙ୍ଗ, ବିଧବାଙ୍କୁ ଭତ୍ତା, ବିପିଏଲ୍ ପରିବାରଙ୍କୁ ଚିହ୍ନଟ କରି ପକ୍କାଘର ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବେକାରି ସମସ୍ୟା ଦୂର କରିବାକୁ ଅଧିକ ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଦାବି ହୋଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦ଖଣ୍ଡ ଗାଁ ଲୋକେ ଏକାଠି ହୋଇଥିଲେ। ସଂଘର ପ୍ରଦୀପ କୁମାର ବାଗ, ଅଭିଜିତ ବାଗ, ସାମ୍ବରି ହିକ୍କା, ବିନ ହିକ୍କା, ଦିବାକର ସାହୁ, ଟୁକୁନା ବିଶୋଇ, ବାବୁଲା ମହାରଣା, ପ୍ରସାଦ ହିକ୍କା, କିଷ୍ଟା ହିକ୍କା, ବଳରାମ ହିକ୍କା, ପୁରୁଷୋତ୍ତମ ବାଗ, ଚନ୍ଦ୍ରସେନା ଖରା, ସୁବାସ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ବୈଠକରେ କୋରାପୁଟ ଏମ୍‌ପି ଓ ଅନ୍ୟମାନେ।

# ଜିଲାପାଳଙ୍କୁ ଭେଟିଲା ରଥଯାତ୍ରା କମିଟି

## ବେଆଇନ ଭାବେ କଲେଜ ପାଚେରି ନିର୍ମାଣ କରୁଥିବା ଅଭିଯୋଗ

ପାରଳାଖେମୁଣ୍ଡି, ୨୧।୨ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯେଉଁ ପାଚେରି ନିର୍ମାଣ କାର୍ଯ୍ୟ କରାଯାଉଛି ତାହା ବେଆଇନ ବୋଲି ସ୍ଥାନୀୟ ରଥଯାତ୍ରା କମିଟି ଅଭିଯୋଗ କରିଛି। ସେମାନେ ଜିଲାପାଳ ଅନୁପମ ଶାହାଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ଏହି ପାଚେରିଟି କଲେଜ ମୁଖ୍ୟ ଫାଟକ ବାହାରେ ନିର୍ମାଣ କରାଯାଛି, ଉକ୍ତ ଜାଗା କଲେଜର ନୁହେଁ ବୋଲି ଅଭିଯୋଗ ହୋଇଛି। ରଥଯାତ୍ରା ସମୟରେ ସେଠାରେ ୩ ରଥ ରହିଥାଏ। ଏହି ପାଚେରି ନିର୍ମାଣ କରାଗଲେ ରଥଯାତ୍ରା ସେ ସମୟରେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଏହି ସମୟରେ ସାଧାରଣ ଲୋକ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ତେଣୁ ଏହି ପାଚେରି ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖି ଆବଶ୍ୟକ ନଥିପତ୍ର ଯାଞ୍ଚ କରାଯାଉ ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଜିଲାପାଳଙ୍କୁ ନିବେଦନ ପତ୍ର ଦେବା ସମୟରେ ରଥଯାତ୍ରା କମିଟିର ରାମନାଥ ମିଶ୍ର, ବସନ୍ତ କୁମାର ପଣ୍ଡା, ଜଗନ୍ନାଥ ବରାଡ, ଟି. ଶରତ କୁମାର, ଟି. ବସନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁଦେବ ହସ୍ପିଟାଲ ସିଲ୍ କଲା ପ୍ରଶାସନ

ବ୍ରହ୍ମପୁର ଅଫିସ, ୨୧।୨

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମନଗରରରେ ଥିବା ଗୁରୁଦେବ ହସ୍‌ପିଟାଲକୁ ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ସିଲ୍ କରାଯାଇଛି। ହସ୍‌ପିଟାଲ ମାଲିକ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ସମ୍ପର୍କିତ କାଗଜପତ୍ର ଦେଇ ନ ପାରି ନ ଥିବାରୁ ମାଜିଷ୍ଟ୍ରେଟ ଭାବେ ବ୍ରହ୍ମପୁର ତହସିଲଦାର ଶିପକ କୁମାର ପାତ୍ରଙ୍କ ଉପସ୍ଥିତିରେ ହସ୍‌ପିଟାଲକୁ ସିଲ୍ କରାଯାଇଛି। ଜିଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ହସ୍‌ପିଟାଲ ବନ୍ଦ ରହିବ ବୋଲି ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏଠାରେ ଚିକିତ୍ସିତ ହେଉଥିବା ୧୬ ମହିଳାଙ୍କ ମଧ୍ୟରୁ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୫ଜଣଙ୍କ ଅସ୍ତ୍ରୋପଚାର ହୋଇଥିବାରୁ ସପ୍ତାହେ ପର୍ଯ୍ୟନ୍ତ ଗୁରୁଦେବ ହସ୍‌ପିଟାଲରେ ହିଁ ଚିକିତ୍ସା ଚାଲିବ ବୋଲି ଡିଏମଓ ରାଜେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ୧୫ ଜଣଙ୍କ ମଧ୍ୟରେ ୧୩ ପ୍ରସୂତି ଅଛନ୍ତି। ସପ୍ତାହେ ଧରି ସମ୍ପୃକ୍ତ ଡାକ୍ତର ସେମାନଙ୍କ ଚିକିତ୍ସା କରିବେ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି। ଶୁକ୍ରବାର ସିଟି ହସ୍‌ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଗୀତାଞ୍ଜଳି ଦାଶ ଓ ମେଡ଼ିକାଲ ଟିମ ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

ଚିକିତ୍ସା ଅବହେଳାରୁ ଗୁରୁଦେବ ହସ୍‌ପିଟାଲରେ ସୋମବାର ରାତିରେ ଐଶ୍ୱର୍ଯ୍ୟା ସିଂଦେଓଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ହସ୍‌ପିଟାଲଟି କ୍ଲିନିକାଲି ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟ ଅନୁସାରେ ସମସ୍ତ ସର୍ତ୍ତାବଳୀ ପୂରଣ କରିଛି କି ନାହିଁ, ନିୟମ ଅନୁସାରେ ପଞ୍ଜୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ ଭାବେ ପାଳନ କରାଯାଉଛି କି ନାହିଁ ତାହାର ପ୍ରଶାସନିକ ତଦନ୍ତ କରିବାକୁ ଜିଲାପାଳ ଗତ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନର ମିଳିତ ଟିମ ଯାଞ୍ଚ କରି ଜବତ କରିଥିବା କାଗଜପତ୍ରଗୁଡ଼ିକ ଜିଲାପାଳଙ୍କ ନିକଟକୁ ପଠାଇଥିଲା। ଗୁରୁଦେବ ହସପିଟାଲ କଳ୍ପନା ବରାଳଙ୍କ ନାମରେ ପଞ୍ଜୀକୃତ ହୋଇଛି, ହେଲେ ତାହା ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଜଣାପଡିଥିଲା।


ଗୁରୁଦେବ ହସ୍ପିଟାଲ ସିଲ୍ କରାଯାଉଛି।

# ଜେକେ କାଗଜକଳରେ ଅଗ୍ନିକାଣ୍ଡ

ରାୟଗଡା ଅଫିସ, ୨୧।୨

ରାୟଗଡା ଜେକେ କାଗଜ କଳରେ ଶୁକ୍ରବାର ଏକ ଅଗ୍ନିକାଣ୍ଡ ଘଟିଛି। ଏସିରୁ ଶଟସର୍କିଟରୁ ଘଟି ନିଆଁ ଲାଗିଥିବା ଜେକେ କାଗଜ କଳର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହରିହର ଖମାରି କହିଛନ୍ତି। କାଗଜ କଳ ଗୋଦାମ ଗୃହରେ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ କେବଳ ଏକ ଏସି ଜଳିଯାଇଛି ବୋଲି ସେ କହିଛନ୍ତି। ନିକଟରେ ଏକ କୋଇଲା ବୋଝେଇ ଗାଡ଼ି ଥିଲା ଯାହା ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି।

# ଉଜାଗର ରହି, ଦୀପ ଜାଳି ଶିବରାତ୍ରି ପାଳିଲେ ଶ୍ରଦ୍ଧାଳୁ

ରାୟଗଡ଼ା ଅଫିସ/ବିଷମକଟକ/ ଟିକିରି/ ଥେରୁବାଲି, ୨୧।୨(ଡି.ଏନ୍.ଏ.)

■ ଶତାୟୁ ମନ୍ଦିରରେ ଭକ୍ତଙ୍କ ସମାଗମ
■ ଲଣ୍ଡା ପାହାଡ଼ରେ ଜଳିଲା ମହାଦୀପ


ରାୟଗଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

ଶୁକ୍ରବାର ମହା ଶିବରାତ୍ରି ଉପଲକ୍ଷେ ରାୟଗଡ଼ାର ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ସକାଳୁ ମନ୍ଦିର ଯାଇ ଠାକୁରଙ୍କ ପୂଜା କରିଥିଲେ। ମହାଦେବଙ୍କୁ ବେଲପତ୍ର, କ୍ଷୀର, ଧୂପ ଓ ଫୁଲରେ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଦୀପ ଜାଳି ଉଜାଗର ରହିଥିଲେ। ମହାଦୀପ ଉଠିବା ପରେ ଲୋକେ ଫେରିଥିଲେ। ରାୟଗଡା ସହର ପିଏଚ୍‌ଡି ଅଫିସ ନିକଟରେ ଥିବା ୧୦୦ବର୍ଷରୁ ଉର୍ଦ୍ଧ୍ୱ ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଠାକୁରଙ୍କ ପାଖେ ମାନସିକ କରି ପୂଜା କଲେ ଫଳପ୍ରାପ୍ତି ହୁଏ ବୋଲି ଜେକେପୁରର ରଜନୀ ବେହେରା, ରାୟଗଡା କସ୍ତୁରୀ ନଗରସ୍ଥିତ ଲକ୍ଷ୍ମୀନାରାୟଣ ରଥ କହିଛନ୍ତି। ମନ୍ଦିରରେ ଗୁରୁବାରଠାରୁ ବିଶ୍ୱଶାନ୍ତି ତ୍ରୟମ୍ବକ ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୫ଦିନ ଧରି ଚାଲିବ। ଶୁକ୍ରବାର ଭୋର ୪ଟାରୁ ମନ୍ଦିର ଖୋଲା ଯାଇଥିଲା। ଠାକୁରଙ୍କ ପୂଜାର୍ଚ୍ଚନା ପରେ ଭୋଗ ନୀତି କରାଯାଇଥିଲା। ପରେ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ରାତି ୧୨ଟାରେ ଲିଙ୍ଗା ବରଣ ଏବଂ ୧.୧୫ ରେ ହରିହର ଭେଟ କରାଯାଇଥିଲା। ରାତି ୨ଟା ପରେ ମହାଦୀପ ଉଠିଥିଲା। ସେହିପରି ସହରର ମହାକାଳେଶର, ଶୈଳେଶ୍ୱର, ଉମାଶଙ୍କର ସିନେମା ହଲ ଛକ, ଜ୍ୟୋତି ମହଲ ଛକ, ବ୍ରାହ୍ମଣ ସାହି ଛକ ସହ ଅନ୍ୟ ସମସ୍ତ ସ୍ଥାନରେ ଥିବା ଶୈବ ପୀଠରେ ଭିଡ଼ ଦେଖାଦେଇଥିଲା।

ବିଷମକଟକ ଚାଟିକୋଣାସ୍ଥିତ ପ୍ରସିଦ୍ଧ ପାତାଳେଶ୍ୱର ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମହାଶିବରାତ୍ରୀ ଉପଲକ୍ଷେ ପାତାଳେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଯାତ୍ରାର ଆୟୋଜନ କରଯାଇଛି। ଏହା ୭ଦିନ ଧରି ଚାଲିବ। ରାତିରେ ଦୀପ ଜାଳୁଥିବା ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ପୂଜା କମିଟି ସଭାପତି ମହନ୍ଦ୍ରେ ଚୌହାନ୍,ଉପସଭାପତି ଭୁଜ ଟାକ୍ରି, ସମ୍ପାଦକ ବଡ କୁମାର ଗୌଡ ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପାଣଷପଦର ଗ୍ରାମ ନିକଟ ଏକ ପାହାଡ ଉପରେ ଥିବା ଶିବ ମନ୍ଦିରରେ ମଧ୍ୟ ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଏଥିସହ ସହରର ଅନ୍ୟ ସବୁ ମନ୍ଦିରରେ ମଧ୍ୟ ଭିଡ଼ ରହିଥିଲା। କାଶୀପୁର ବ୍ଲକ ଦୁଡୁକାବାହାଲ, ହରିଦାସପୁର, ପୋଡାପାଡି, ଟିକିରି, ପଞ୍ଚାଳି, ରେଙ୍ଗା ଓ ଉତ୍କଳ ଆଲୁମିନା ଟାଉନଶିପରେ ଥିବା ଉତ୍କଳେଶ୍ୱର ଶୈବପୀଠରେ ମହା ଶିବରାତ୍ରି ପାଳନ କରାଯାଇଛି। ଏହି ନେଇ ପ୍ରତ୍ୟେକ ମନ୍ଦିରରେ ଉପସ୍ଥିତ ରହିଥିଲେ। ଏହି ଉପଲକ୍ଷେ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ଗୋକୁଳ ମୁଣ୍ଡାଠାରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଥେରୁବାଲି ଅଞ୍ଚଳ ପାଇକପଡାସ୍ଥିତ ପାତାଳେଶ୍ୱର ମନ୍ଦିରରେ ୭ଦିନ ଧରି ଜାଗର ମେଳା ଅନୁଷ୍ଠିତ ହେବ। ମହାଶିବରାତ୍ରିର ମଧ୍ୟ ରାତ୍ରିରେ ମନ୍ଦିରର ସେବାୟତ ବାଦ୍ୟର ତାଳେ ତାଳେ ଲଣ୍ଡା ପାହାଡ ଉପରେ ଥିବା ଶୀର୍ଷଦେଶରେ ପଥର ନିର୍ମିତ ଏକ ପ୍ରାକୃତିକ ଦୀପରେ ମହାଦୀପ ପ୍ରଜ୍ୱଳନ କରଥାନ୍ତି। ଏଥିସହ ସେଠାରେ ଛାଗବଳି ଦିଆଯାଇଛି। ଏଠାରେ ମହାଦୀପ ପ୍ରଜ୍ୱଳନ ହେଲା ପରେ ଐତିହାସିକ ଦେବଗିରି ପାହାଡରେ ଲିଙ୍ଗାବରଣ କରାଯାଇଥାଏ। ଜୟପୁର ମହାରାଜାଙ୍କ ଦ୍ୱାରା ପୁରୀ ମୁକୁନ୍ଦପୁର ଶାସନରୁ ନିୟୋଜିତ କରାଯାଇଥିବା ୨୪ ମହାଜନ ଏହି ଲିଙ୍ଗାବରଣ ନୀତି କରିଥାନ୍ତି। ଉଜାଗର ରହିଥିବା ଭକ୍ତଙ୍କୁ ଅଧର ପଣା ବଣ୍ଟା ଯାଇଥାଏ।

# ଭାଗବତ ପାରାୟଣ ଉଦ୍‌ଯାପିତ

ପଦ୍ମପୁର, ୨୧।୨(ଡି.ଏନ୍.ଏ.): ପଦ୍ମପୁର ସଦର ମହକୁମା ଜଗମଣ୍ଡା ପାହାଡ଼ରେ ଅବସ୍ଥିତ ଭାଗବତ ଟୁଙ୍ଗି ପରିସରରେ ସପ୍ତାହ ବ୍ୟାପି ଚାଲିଥିବା ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ପୁରୀର ପଣ୍ଡିତ ରବି ନାରାୟଣ ରଥଶର୍ମା ପ୍ରଥମ ଦିନରେ ସେଠାରେ ଥିବା ନୀଳକଣ୍ଠେଶ୍ୱର ମହାଦେବଙ୍କ ନିକଟରେ ରୁଦ୍ରାଭିଷେକ କରିଥିଲେ। ମହିଳାମାନେ ସ୍ଥାନୀୟ ନଦୀରୁ କଳସ ଶୋଭାଯାତ୍ରାରେ ବାହାରିଥିଲେ। ପରେ ଏହାର ଉଦ୍‌ଘାଟନ କରାଯାଇଥିଲା। ପ୍ରତ୍ୟେକ ଦିନ ଭିନ୍ନଭିନ୍ନ ଶୈବ ପୀଠରେ ରୁଦ୍ରାଭିଷେକ କରାଯାଇ ସନ୍ଧ୍ୟାରେ ପ୍ରବଚନ କରାଯାଉଥିଲା। ଶିଶୁ କଳାକାର ନୃତ୍ୟ ପରିବେଷଣ କରି ଶ୍ରଦ୍ଧାଳୁଙ୍କ ମନ ମୋହିଥିଲେ। ଶେଷ ଦିନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବା ପାଇଁ ଚିନୁପା ଷଡଙ୍ଗୀ, କଳାକୃତି ପାଇଁ ଶିକ୍ଷକ ମନୋଜ ଜେନାଙ୍କୁ ପଣ୍ଡିତ ରଥଶର୍ମା ସମ୍ମାନିତ କରିଛନ୍ତି। ଟୁଙ୍ଗୀ ସମ୍ପାଦକ ବଳରାମ ପଣ୍ଡା, ରବି ରଥ ପରିଚାଳନା କରିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-MEMU-02-2020
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ମେମୁ କାର ସେଡ୍, ଖୋର୍ଦ୍ଧା ରୋଡ଼ର କୋଚ୍‌ଗୁଡ଼ିକର ଯାନ୍ତ୍ରିକ କୋଚ୍ ସଫେଇ ଏବଂ ଡିପୋ ପରିସରର ସଫେଇ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 90,24,193.12, EMD (ଟଙ୍କାରେ) : 1,80,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.28.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.03.2020ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ (ବିଦ୍ୟୁତ୍)
PR-723/K/19-20 ଖୋର୍ଦ୍ଧା ରୋଡ୍

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ନୟାପଲ୍ଲୀ ଶାଖା
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ଚୁକ୍ତି ହାରରେ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ଶ୍ରୀ ବିଶ୍ୱ ରଞ୍ଜନ ରାୟ, ବାସସ୍ଥାନ ଠିକଣା: ୨୨୭, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ ଏବଂ ଶ୍ରୀ ଦେବକାନ୍ତ ମହାପାତ୍ର, ବାସସ୍ଥାନ ଠିକଣା: ପ୍ଲଟ୍ ନଂ.: ୩୨୬୪, ଶ୍ରୀରାମ ନଗର, ସାମନ୍ତପୁର, ଭୁବନେଶ୍ୱର | ଟ.୩୦,୪୦,୪୧୫/- + ସେବାବଦ ସୁଧ | ୧୧.୦୯.୨୦୧୯/ ୧୭.୦୨.୨୦୨୦ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪୦୨, ରାଜଲୋକ ଏନ୍‌କ୍ଲେଭ, ପ୍ଲଟ୍ ନଂ.: ଏନ୍/୩ ୧୧୮, ରେଭିନ୍ୟୁ ପ୍ଲଟ୍ ନଂ.: ୬୨୩/୨୭୯୩, ଖାତା ନଂ.: ୧୪୨୬/୭୨୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଏହାର ଚଉହଦୀ ପୂର୍ବ: ପ୍ଲଟ୍ ନଂ.: ୧୧୯, ପଶ୍ଚିମ: ପ୍ଲଟ୍ ନଂ.: ୧୧୭, ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ |

ସ୍ଥାନ : ଭୁବନେଶ୍ୱର, ତାରିଖ: ୨୦.୦୨.୨୦୨୦ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ବୃଦ୍ଧା, ବାଳିକା ଓ ଯୁବତୀ ସ୍ତ୍ରୀଙ୍କୁ ଦେଖି ସେମାନଙ୍କୁ ମାତା, କନ୍ୟା ଓ ଭଗ୍ନୀ ରୂପରେ ଚିନ୍ତା କରିବା ହେଉଛି ସର୍ବଶ୍ରେଷ୍ଠ ବ୍ରହ୍ମଚର୍ଯ୍ୟ, ଯାହାକୁ ତିନିଲୋକରେ ପୂଜ୍ୟ ଅଟେ।

-ଭଗବାନ ବୁଦ୍ଧ



## ସଂକ୍ଷେପରେ

### ମାଳିପୁଟ ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ

**ପଟ୍ଟାଙ୍ଗି,୨୧।୨(ଡି.ଏନ୍.ଏ.):** ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ସଦର ମହକୁମାରେ ଗଢ଼ିଉଠିଥିବା ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ବ୍ଲକର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମାନ୍ୟତା ମିଳିଛି। ବିଦ୍ୟାଳୟର ଏହିପରି ସଫଳତା ପଛରେ ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭ କରି ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବଦାନ ରହିଛି। ସେହିପରି ଛାତ୍ରୀଛାତ୍ର ଓ ଅଭିଭାବକଙ୍କର ମଧ୍ୟ ସହଯୋଗ ରହିଥିବାରୁ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ଲକର ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ମିଳିଛି। ଏଥିପାଇଁ ବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ଅନୁଦାନ ପୁରସ୍କାର ଭାବେ ମିଳିଛି। ଏଥିପାଇଁ ଗଣଶିକ୍ଷା ବିଭାଗ ନିକଟରେ କୃତଜ୍ଞତା ଜଣାଇଛନ୍ତି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବ୍ଲକର ପୂର୍ବତନ ଅଧକ୍ଷ ନୃସିଂହନାଥ ବେହେରା। ମିଳିଥିବା ଅର୍ଥ ବିଦ୍ୟାଳୟର ପାଠାଗାର ଓ ବିଜ୍ଞାନାଗାରର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ। ଉକ୍ତ ବିଦ୍ୟାଳୟ ଶ୍ରେଷ୍ଠ ହେବା ପଛରେ ପ୍ରଧାନଶିକ୍ଷକ ଅକ୍ଷୟ ନାୟକଙ୍କ ନିଷ୍ଠା ସାଙ୍ଗକୁ ବିଦ୍ୟାଳୟର ପରିବେଶ ସୁରକ୍ଷା ପ୍ରତି ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସକ୍ରିୟ ସହଯୋଗ ରହିଛି।

### ଅଟୋ ଦୁର୍ଘଟଣା: ୧୦ ଯାତ୍ରୀ ଆହତ



**ପଟ୍ଟାଙ୍ଗି,୨୧।୨(ଡି.ଏନ୍.ଏ.):** ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ହନୁମାନ ମନ୍ଦିର ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଛାଡ଼ି ଦିଆଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ଅଟୋ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର କୁନ୍ଦୁଲି ସାପ୍ତାହିକ ହାଟ ସାରି ଅଟୋ (ଏପି୩୯ ଟିଜି ୭୭୩୬) ଯୋଗେ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ସୁଙ୍କି ଅଭିମୁଖେ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ୨୬ନଂ ଜାତୀୟ ରାଜପଥର ବୁଲାଣି ରାସ୍ତାରୁ ୧୫ ଫୁଟ ତଳକୁ ଓଲଟି ପଡ଼ିଥିଲା। ଅଟୋରେ ଥିବା ଚନ୍ଦକା ପଞ୍ଚାୟତର ଅତାରିଗୁଡ଼ା ଗ୍ରାମର ମାନ୍ଦଲା ମୁଲିଆ, ପିଲକାବିଟ୍ରା ଗ୍ରାମର ବୁଢ଼ିୟା ପାପାୟା, ବୁଢ଼ିୟା ଆସାମା, ନୂଆ ପୋଡ଼ାପଦର ଗ୍ରାମର ତାରକ ଘେନୁଙ୍କ ସମେତ ପୁରୁଣା ପୋଡ଼ାପଦର ଗ୍ରାମର ମାଝି ଘେନୁ ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ପୋଲିସ ପୁଣି ଘଟଣାସ୍ଥଳକୁ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ଅଟୋକୁ ନେଇ ଫେରାର ହୋଇଯାଇଛନ୍ତି ଚାଳକ। ଆହତଙ୍କ ମଧ୍ୟରୁ ପୁରୁଣା ପୋଡ଼ାପଦର ଗ୍ରାମର ମାଝି ଘେନୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଫେରାର ଅଟୋ ଓ ଡ୍ରାଇଭରଙ୍କ ନାଁରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ଗୁପ୍ତେଶ୍ୱର ଗୁମ୍ଫାରେ ମହାଦେବଙ୍କ ପୂଜାର୍ଚ୍ଚନା।



ଜୟପୁର ଅଷ୍ଟଶମ୍ଭୁ ପଞ୍ଚାନନ ମନ୍ଦିରରେ ଭକ୍ତଙ୍କ ଭିଡ଼।

# ଗୁପ୍ତେଶ୍ୱରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼

**ବୈପାରୀଗୁଡ଼ା,୨୧।୨(ଡି.ଏନ୍.ଏ.)**

ଜାଗର ଅମାବାସ୍ୟା ଅବସରରେ ବୈପାରୀଗୁଡ଼ା ବ୍ଲକର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଲାଗିଛି। ଜାଗରର ୩ ଦିନ ପୂର୍ବରୁ ପୀଠକୁ ସ୍ୱତନ୍ତ୍ର ଭାବେ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରିଛି। ଏନେଇ ବୈପାରୀଗୁଡ଼ା ବଜାର ଚଳଚଞ୍ଚଳ ହୋଇପଡ଼ିଛି। ବୈପାରୀଗୁଡ଼ାରୁ ଗୁପ୍ତେଶ୍ୱର ପର୍ଯ୍ୟନ୍ତ ୩୫ କିମି ରାସ୍ତାର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି। ମହାଦେବଙ୍କ ଦର୍ଶନ ପାଇଁ ଲୋକଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପୋଲିସ୍ ଶାନ୍ତି ଶୃଙ୍ଖଳା ରକ୍ଷା କରିଛନ୍ତି। କୋଲାବ ନଦୀରେ ଅସ୍ଥାୟୀ ବାଉଁଶ ପୋଲ ଦେଇ ପଡ଼ୋଶୀ ଛତିଶଗଡ଼ର ବହୁ ମହିଳା ଓ ପୁରୁଷ ଭକ୍ତ ଆସୁଛନ୍ତି। ନଦୀରେ ଭକ୍ତଙ୍କ ସୁରକ୍ଷା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୁତୟନ ହୋଇଛନ୍ତି। ପୀଠରେ ବିଦ୍ୟୁତ, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ବୁଝିବାକୁ ସଂପୃକ୍ତ ବିଭାଗର ଅଧିକାରୀମାନେ ତଦାରଖ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଆଦିବାସୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି। ପୀଠରେ ହୋମଯଜ୍ଞ ସାଙ୍ଗକୁ ମନ୍ତ୍ରପାଠ ଚାଲୁଛି। ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ପୂଜା ସାମଗ୍ରୀ ଓ ରାଶନ ସାମଗ୍ରୀ ସୁଲଭ ଦାମରେ ବିକ୍ରି ବ୍ୟବସ୍ଥା ହୋଇଛି। ବୈପାରୀଗୁଡ଼ା ତହସିଲଦାର, ବିଡିଓ, ଥାନା ଅଧିକାରୀ ତଥା ଜୟପୁର ଦେବୋତ୍ତର ଅଧିକାରୀ ପୀଠସ୍ଥଳରେ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଜାଗର ଯାତ୍ରାରେ ହରିହର ଭେଟ

**ଜୟପୁର,୨୧।୨(ଡି.ଏନ୍.ଏ./ନି.ପ୍ର.):** ଜାଗର ଯାତ୍ରା ପାଇଁ ଜୟପୁର ସହରରେ ଥିବା ଅଷ୍ଟଶମ୍ଭୁ ପୀଠ ପଞ୍ଚାନନ, ବୈଦ୍ୟନାଥ, ନୀଳକଣ୍ଠେଶ୍ୱର, ଲୋକେଶ୍ୱର, ହଟିକେଶ୍ୱର, କପିଳେଶ୍ୱର, ଭୂତନାଥ ମନ୍ଦିରରେ ପୂର୍ବାହ୍ନରୁ ଭକ୍ତଙ୍କ ଭିଡ଼ ଲାଗିଛି। ସେହିପରି ଆଦିବାସୀ ସଂପ୍ରଦାୟରେ ମଧ୍ୟ ଶିବରାତ୍ର ଏକ ପ୍ରମୁଖ ପର୍ବ। ଜୟପୁର ଆଖପାଖ ଗ୍ରାମାଞ୍ଚଳ ମଧ୍ୟରୁ ଗାଗନାପୁରସ୍ଥିତ ପୁରାତନ ଶୈବପୀଠ ବାଲୁଙ୍କେଶ୍ୱର, ବାମୁଣିଗାଁ, ରାମେଶ୍ୱର, ଜୟନ୍ତୀଗିରି, ଆମ୍ବାଗୁଡ଼ା, ବାର୍ଲାହାଣ୍ଡି ଓ ବାରିଣିପୁଟସ୍ଥିତ ଶକ୍ତିଶ୍ୱର ମନ୍ଦିରରେ ଭକ୍ତ ସମାଗମ ହୋଇଥିଲା। ସନ୍ଧ୍ୟାରେ ବୈଦ୍ୟନାଥ ପୀଠରେ ମହାଦୀପ ମନ୍ଦିର ଉପରକୁ ଉଠାଯାଇଥିଲା। ସେହିପରି ମଧ୍ୟରାତ୍ରରେ ରାଜାରାଜୁଡ଼ା ସମୟର ପଞ୍ଚାନନ ଓ ନୀଳକଣ୍ଠେଶ୍ୱର ମନ୍ଦିରରେ ହରିହର ଭେଟ ହୋଇଥିଲା। ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରକୁ ରାଜ୍ୟ ତଥା ବାହାରୁ ଲକ୍ଷାଧିକ ଭକ୍ତ ଆସିଥିଲେ। ସେଠାକୁ ଯିବା ପାଇଁ ଜୟପୁର ଏକମାତ୍ର କେନ୍ଦ୍ରସ୍ଥଳ ହୋଇଥିବା ଯୋଗୁ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସ୍ ଓ ରାଜ୍ୟ ସଡ଼କ ପରିବହନ ସଂସ୍ଥା ପକ୍ଷରୁ ଶତାଧିକ ବସ୍ ବ୍ୟବସ୍ଥା କରାଯାଇଥିଲା।

## ଈଶ୍ୱରଙ୍କ ହାତରେ ପୁଣି କୋରାପୁଟ ଦାୟିତ୍ୱ

**ଜୟପୁର,୨୧।୨(ଡି.ଏନ୍.ଏ.)**

କୋରାପୁଟ ଜିଲା ବିଜେଡି ସଭାପତି ଭାବେ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପୁଣିଥରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର କୋରାପୁଟ ସ୍ଥିତ ସର୍କିଟ ହାଉସରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ହାଇକମାଣ୍ଡଙ୍କ ନିର୍ଦ୍ଦେଶକ୍ରମେ ସଭାପତି ପଦବୀ ପାଇଁ ବିଧାୟକ ରଘୁରାମ ପଡାଲ ଓ ବିଧାୟକ ପ୍ରଭୁ ଜାନୀଙ୍କ ସମର୍ଥକ ଭାବେ ଈଶ୍ୱର ଏକମାତ୍ର ପ୍ରାର୍ଥୀ ହୋଇ ନାମାଙ୍କନ ପତ୍ର ଦଳୀୟ ନିର୍ବାଚନୀ ଜିଲା ରିଟର୍ଣ୍ଣିଂ ଅଫିସର ନରେନ୍ଦ୍ର ସ୍ୱାଇଁଙ୍କ ନିକଟରେ ଦାଖଲ କରିଥିଲେ। ମଧ୍ୟାହ୍ନ ସୁଦ୍ଧା କେବଳ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଯୋଗୁ ଈଶ୍ୱରଙ୍କ ନାମକୁ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟକୁ ସୁପାରିସ୍ କରାଯାଇଥିଲା। ସେଠାରେ ଜିଲା ସଭାପତି ଭାବେ ତାଙ୍କ ନାମ ଘୋଷଣା ହୋଇଥିଲା। ସେ ଦ୍ୱିତୀୟ ଥର ପାଣି ପୁଣି ଏହି ଦାୟିତ୍ୱ ପାଇଛନ୍ତି। ତାଙ୍କ ନାମାଙ୍କନ ଦାଖଲ ବେଳେ ଜିଲାର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ପଦ୍ମିନୀ ଦିଆନ ଓ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଜିଲା ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ପ୍ରସ୍ତାବକ ଓ ସମର୍ଥକ ଭାବେ ଦୁଇ ବିଧାୟକ, ଜୟପୁର ପୌର ପରିଷଦ ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ବାଲା ରାୟ, ଧର୍ମେନ୍ଦ୍ର ଅଧିକାରୀ, ରାଜେନ୍ଦ୍ର ସାହୁ, ବୁଲୁ ଗୌଡ଼, ମୀନା ଦାଶ, ଅନୁପ ପାତ୍ର ଉପସ୍ଥିତ ଥିଲେ।



ନିର୍ବାଚିତ ଈଶ୍ୱର ପାଣିଗ୍ରାହୀଙ୍କୁ ମନ୍ତ୍ରୀ ପଦ୍ମିନୀ ଦିଆନ ଶୁଭେଚ୍ଛା ଜଣାଉଛନ୍ତି।

### ଗାଡ଼ି ଧକ୍କାରେ ଯୁବତୀଙ୍କ ମୃତ୍ୟୁ

**ଗୋପାଳପୁର,୨୧।୨**

୧୬ନଂ ଜାତୀୟ ରାଜପଥ ଗିରିଶୋଳାଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ଡେଡ୍‌ଜୋନ ପାଲଟିଛି। ଗତ କିଛିଦିନ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଉନ୍ନତୀକରଣ କାମ ଚାଲିଛି ଓ ମାଟି ଖୋଳାଯାଇଛି। ଏଥିପାଇଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଗୋଳନ୍ଥରା ଥାନା ଗିରିଶୋଳାରେ ଗୁରୁବାର ରାତିରେ ଜଣେ ଯୁବତୀଙ୍କ ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ବି.ପ୍ରିୟା (୧୮)। ଗୁରୁବାର ରାତି ରେ ପ୍ରିୟା ସାଙ୍ଗଘରକୁ ଯିବାକୁ ଜାତୀୟ ରାଜପଥ ପାର ହେଉଥିବାବେଳେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା।

## ଉପବାସ, ଉଜାଗରରେ କାଟିଲେ ଶିବଭକ୍ତ

**ଦାମନଯୋଡ଼ି,୨୧।୨(ଡି.ଏନ୍.ଏ.)**

ମହାଶିବରାତ୍ରି ପାଇଁ ଶୁକ୍ରବାର କୋରାପୁଟ ଜିଲାର ବିଭିନ୍ନ ଶୈବପୀଠ ଭକ୍ତମୟ ହୋଇଉଠିଛି। ଉପବାସ ଓ ଉଜାଗରରେ ଜାଗର ପାଳିଛନ୍ତି ଶ୍ରଦ୍ଧାଳୁ। ଦାମନଯୋଡ଼ି ନାଲ୍‌କୋ ଟାଉନଶିପସ୍ଥିତ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ତ୍ର୍ୟମ୍ବକେଶ୍ୱର ମହାଦେବ, ସେକ୍ଟର-୩ ମହାଦେବ ମନ୍ଦିର, ଚମ୍ପାପଦର କଲୋନୀ, ଅଁଳାବାଡ଼ି କଲୋନୀ, ଗୌଡ଼ଗୁଡ଼ା, ମାଥାଲପୁଟ କଳାହାଣ୍ଡି କଲୋନୀ, ସୁରକ୍ଷା ବିଭାଗ ଅଞ୍ଚଳରେ ଥିବା ଶିବମନ୍ଦିର, ମାଥାଲପୁଟର ବଟୁକେଶ୍ୱର ମହାଦେବ, ତ୍ରିନାଥ ମନ୍ଦିର, ଭେଜାପୁଟର ସିଦ୍ଧେଶ୍ୱର ମହାଦେବ ଓ ମରିଚମାଳର ସିଦ୍ଧେଶ୍ୱରଙ୍କ ପୀଠରେ ଜାଗର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମନ୍ଦିରଗୁଡ଼ିକୁ ସ୍ୱତନ୍ତ୍ର ଆଲୋକମାଳାରେ ସଜାଯାଇଥିଲା। ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ବସିରହିଥିଲେ ଶ୍ରଦ୍ଧାଳୁ। ଟାଉନଶିପ୍ ସ୍ଥିତ ଶିରିଡ଼ି ସାଇ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା।



ଦାମନଯୋଡ଼ିର ଏକ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳୁଛନ୍ତି।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ବଣିଜ
ଉତଳା ଚାଷ ।**

ବଣିଜ କିଣାବିକା ବେପାର। ଆଜି ହୋଇ ନ ପାରିଲେ କାଲି ହେବ। କାଲିକୁ ବଜାର ଭାଉ ବଢ଼ିବ ପଛେ କମିବ ନାହିଁ। ଗୋଦାମ ବା ଦୋକାନରେ ଜିନିଷ ପଡ଼ିରହିଲେ ତା'ର ମୂଲ୍ୟ ବଢ଼ିବ ପଛେ କମିବ ନାହିଁ। ବେପାର ବଣିଜରେ ଉନ୍ନତି ପାଇଁ ସମୟ ଲାଗିଥାଏ। ସେହିପରି ଚାଷର ସଫଳତା ପାଗଯୋଗ ଉପରେ ନିର୍ଭର କରେ। ଥରେ ପାଗ ଛାଡ଼ିଗଲେ ବିଲରେ ଚାଷ କରିବା, ବୁଣାବୁଣି କରିବା ଇତ୍ୟାଦି କାମ ପଛେଇଯାଏ ବା ହୋଇ ପାରି ନ ଥାଏ। ଥରେ ଚାଷରତୁ ଚାଲିଗଲେ ପୁଣି ଆସୁ ଆସୁ ବର୍ଷେ। ତେଣୁ ପାଗ ଅନୁସାରେ ଚାଷୀକୁ ସବୁବେଳେ ତରତର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ବଉଳା,
ବନ୍ଧୁ ମଉଳା ।**

ଯେତେ ପ୍ରକାର ଧାନ ଅଛି ତା' ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ଆତ୍ମୀୟ ବା ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ




ବାଇକ ଚାଳକଙ୍କୁ ହେଲମେଟ୍ ପ୍ରଦାନ କରାଯାଉଛି।

## ବାଇକ ଚାଳକଙ୍କୁ ପିନ୍ଧାଗଲା ହେଲମେଟ୍

### ସଡକ ସୁରକ୍ଷା ପାଇଁ ସଚେତନତା

**ଜୟପୁର,୨୧।୨(ଡି.ଏନ୍.ଏ.)**

ଜୟପୁର ବ୍ଲକ ହରଡ଼ାପୁଟ ଛକ ନିକଟସ୍ଥ ପେଟ୍ରୋଲ ପମ୍ପରେ ଗ୍ରାମାଞ୍ଚଳର ବାଇକ ଚାଳକଙ୍କୁ ସଚେତନ କରିବା ପାଇଁ ଶୁକ୍ରବାର ଏକ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ନାୟାର ଏନର୍ଜି ପେଟ୍ରୋଲ ପମ୍ପ ପକ୍ଷରୁ ସ୍ଥାନୀୟ ଗ୍ରାମାଞ୍ଚଳର ଡ୍ରାଇଭିଂ ଲାଇସେନ୍ସଧାରୀ କୁମୁଲିପୁଟ, ଜୟନ୍ତିଗିରି, ଆମ୍ବାଗୁଡ଼ା ପଞ୍ଚାୟତର ବାଇକ ଚାଳକଙ୍କୁ ସଡ଼କ ସୁରକ୍ଷା ନେଇ ହେଲମେଟ ପ୍ରଦାନ କରାଯାଇଛି। ଏହିପରି ଗ୍ରାମାଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ବାଇକ ଚାଳକଙ୍କୁ ହେଲମେଟ ଦିଆଯାଇଥିଲା। ଏହି ଅବସରରେ ନାୟାର କମ୍ପାନୀର ଡିଭିଜନାଲ ମୁଖ୍ୟ ସୌରଜିତ କର, ଆଞ୍ଚଳିକ ମ୍ୟାନେଜର ସତ୍ୟଜିତ ଦାସ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ସରକାରୀ ଓକିଲ (ଜିପି) ବିଷ୍ଣୁ ପ୍ରସାଦ ପାତ୍ର, ପୂର୍ବତନ ଉପାଧ୍ୟକ୍ଷ ବାଲିଙ୍କି ରାଓ, ରାମନାଥ ମିଶ୍ର, ଲାଲୁ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ପେଟ୍ରୋଲ ପମ୍ପର ମାଲିକ ଆଦିତ୍ୟ ନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜମିଲା ଜାଗର ଭିଡ଼

**କୋଲାବନଗର/ଦଶମନ୍ତପୁର, ୨୧।୨(ଡି.ଏନ୍.ଏ.)**

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ କୋଲାବନଗରସ୍ଥିତ କପିଳେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ତ୍ରିନାଥ ମନ୍ଦିର, ଆଖଣ୍ଡଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିରଗୁଡ଼ିକ ଆଲୋକମାଳାରେ ସଜେଇ ହୋଇଥିଲା। ପାଗ ଅନୁକୂଳ ଥିବାରୁ ଆଦିବାସୀଙ୍କ ସମାଗମ ହୋଇଛି। ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ମନ୍ଦିରରେ ପଣା ବଣ୍ଟାଯାଇଛି। କପିଳେଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ କରାଯାଇଛି। ଏଥିରେ ୭/୮ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ରାତିରେ ମହାଦୀପ ଉଠିବା ସହ ହରିହର ଭେଟ ହୋଇଛି। ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଥିଲା। ସେହିପରି ଦଶମନ୍ତପୁରସ୍ଥିତ ବଦଲିକୁଡୁମା ନିକଟସ୍ଥ ଜଳେଶ୍ୱର ଶୈବପୀଠରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଆଖପାଖ ୮ଟି ପଞ୍ଚାୟତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପାର୍ଶ୍ୱରେ ବିଭିନ୍ନ ପ୍ରକାର ଦୋକାନ ବଜାର ଖୋଲିଥିଲା। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

### ବାଇକ୍ ଧକ୍କାରେ ଛାତ୍ର ମୃତ

**ପାତ୍ରପୁର,୨୧।୨(ଡି.ଏନ୍.ଏ.)**

ଜରଡ଼ାଥାନା ତିତିଗାଁ ଓ ତମ୍ବାପୁର ମଧ୍ୟସ୍ଥଳରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଙ୍ଗି ଗ୍ରାମର ଶିବ ନାଇକ(୧୮)। ବ୍ରହ୍ମପୁରରେ ପାଠ ପଢୁଥିବା ଶିବ ଅପରାହ୍ନରେ ବାଇକ୍ ଯୋଗେ ଟିକିଟି ଯାଉଥିବା ବେଳେ ପଛରୁ ଆସୁଥିବା ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା

**ସେମିଳିଗୁଡ଼ା (ସ୍ୱ.ପ୍ର.)
ସୁନାବେଡ଼ା,୨୧।୨**

ସୁନାବେଡ଼ା ଓ ସେମିଳିଗୁଡ଼ା ସହରର ବିଭିନ୍ନ ଶୈବପୀଠରେ ଶୁକ୍ରବାର ବଡି ଭୋରରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଛି। ସୁନାବେଡ଼ାର ଚିକାପାର ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଶିବ ମନ୍ଦିର, ପୋଲିସ କ୍ୟାମ୍ପର ଶିବ ମନ୍ଦିର, ହାଲ ପରିସର ବି-ଜୋନ ଆଖଣ୍ଡଳମଣି ଶିବ ମନ୍ଦିର, ଆର୍-ଜୋନ ବେଲେଶ୍ୱର ଶିବ ମନ୍ଦିର, ଜର୍ସି ଫାର୍ମ ସିଦ୍ଧେଶ୍ୱର ଶିବ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଛନ୍ତି। ସେହିପରି ସେମିଳିଗୁଡ଼ା ବ୍ଲକ ପାଖ ଧବଳେଶ୍ୱର ଶିବ ମନ୍ଦିର, ବସଷ୍ଟାଣ୍ଡ ପାଖ ଜ୍ୟୋତି ସିଦ୍ଧେଶ୍ୱର ଶିବ ମନ୍ଦିର, ଜାନିଗୁଡ଼ା ପାଖ ଶିବ ମନ୍ଦିର, ପାକଖୋଲା ଗ୍ରାମ ଶିବ ମନ୍ଦିର, ଦୁଧାରୀ ଗ୍ରାମ ଶିବ ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁମାନେ ଧାଡ଼ି ବାନ୍ଧି ଶାନ୍ତିଶୃଙ୍ଖଳାର ସହ ମହାଦେବଙ୍କୁ ଦର୍ଶନ କରିଥିଲେ। ମହାଦେବଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ପ୍ରଥମ ପ୍ରହର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ସମାପନ କରାଯାଇଥିଲା। ଅପରାହ୍ନରେ ଦ୍ୱିତୀୟ ପ୍ରହର, ସନ୍ଧ୍ୟାରେ ତୃତୀୟ ପ୍ରହର, ରାତ୍ରି ୧୦ଟାରେ ଚତୁର୍ଥ ପ୍ରହର କାର୍ଯ୍ୟକ୍ରମ ସାରି ମହାଦେବଙ୍କ ଲାଗି ହୋମଯଜ୍ଞ କରାଯିବା ସହ ମଧ୍ୟରାତ୍ରିରେ ମନ୍ଦିର ଉପରକୁ ମହାଦୀପ ଉଠାଯାଇଥିଲା। ଭକ୍ତମାନେ ଦିନ ତମାମ ଉପବାସ ରହି ସନ୍ଧ୍ୟାରେ ଜାଗର ଦୀପ ଜାଳି ମନ୍ଦିର ପ୍ରାଙ୍ଗଣରେ ବସି ମାନସିକ ମଙ୍ଗଳ କାମନା କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ କେତେକ ଶୈବପୀଠରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା।



ସେମିଳିଗୁଡ଼ାର ଏକ ଶୈବପୀଠରେ ଭକ୍ତଙ୍କ ଲମ୍ବା ଧାଡ଼ି।

# ପ୍ରଶାସନିକ ଅବହେଳା, ଅଧାରେ ପଡ଼ିଛି ଆବାସ

### ବ୍ଲକରୁ ଗାଏବ ହେଉଛି ହିତାଧିକାରୀଙ୍କ ଆବାସ ଆବେଦନ

**କୁନ୍ଦୁରା,୨୧।୨(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଗରିବ ହିତାଧିକାରୀଙ୍କ ପାଇଁ ଆସୁଥିବା ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ପ୍ରଶାସନିକ ଅବହେଳା ଯୋଗୁ ୨୦୧୮-୧୯ରେ ଶତାଧିକ ଗୃହ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ବ୍ଲକର ୧୬ଟି ପଞ୍ଚାୟତରେ ଗ୍ରାମସଭା ଓ ପଲ୍ଲୀସଭା ଦ୍ୱାରା ଚୟନ ଏବଂ ଏସ୍‌ଇସିସି ତାଲିକାରେ ଥିବା ହିତାଧିକାରୀଙ୍କୁ ଆବାସ ଦିଆଯାଉଥିଲେ ମଧ୍ୟ ସେମାନଙ୍କୁ ପ୍ରଶାସନ ଠିକ୍ ସମୟରେ ଟଙ୍କା ଦେଉ ନ ଥିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଜଣାପଡ଼ିଛି। କୁନ୍ଦୁରା ବ୍ଲକ ପଖନାଗୁଡ଼ା ଗ୍ରାମର କେତେକ ହିତାଧିକାରୀ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ସେମାନଙ୍କୁ ଏଯାବତ୍ ଆବାସ ମିଳୁ ନ ଥିବା ବିଡିଓ ସ୍ନେହପ୍ରଭା ମାଝିଙ୍କୁ ଅଭିଯୋଗ କରାଯାଇଛି। ଲିମା ପଞ୍ଚାୟତ ଗୁଣ୍ଡାଗୁଡା ଗ୍ରାମର ସନସାଇ ପରଜା ୫୦୦ ଟଙ୍କା ଲାଞ୍ଚ ନ ଦେବାରୁ ୨୦୧୭ ଜୁନ୍‌ର ଆବାସ ଗୃହ ଏ ଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ତାଙ୍କୁ ଆବାସ କାର୍ଯ୍ୟାଦେଶ ମିଳିବାର କିଛି ଦିନ ପରେ ଜଣେ ସରକାରୀ କର୍ମଚାରୀ ୫ହଜାର ଟଙ୍କା ମାଗିଥିଲେ। ସନସାଇ ଦେଇ ନ ପାରିବା ଯୋଗୁ କୁନ୍ଦୁରା ବ୍ୟାଙ୍କ ସନ୍‌ସାଇଙ୍କ ଜମାଖାତାରେ ଥିବା ଆବାସ ବାବଦୀୟ ପ୍ରଥମ କିସ୍ତିକୁ ଅଟକାଇ ଦିଆଯାଇଥିଲା। ଏ ବିଷୟରେ ତତ୍କାଳୀନ ବିଡିଓ ବିଜୟାନନ୍ଦ ସେଠୀଙ୍କୁ ଭଲ ଭାବେ ଜଣାଥିବା ସତ୍ତ୍ୱେ ମଧ୍ୟ ଉକ୍ତ ଟଙ୍କାକୁ ସନସାଇଙ୍କୁ ଦିଆଯାଇ ନ ଥିଲା। ସେହିଭଳି ଅଗଷ୍ଟ ୨୦୧୯ରେ କୁନ୍ଦୁରା ବ୍ଲକକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୪୩ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୨୦ ଫେବୃୟାରୀ ସୁଦ୍ଧା ୬୧୫ଟି ସରିଛି। ବିଜୁ ପକ୍କାଘର ଯୋଜନାରେ ୧୦ଟି ପଞ୍ଚାୟତର ୩୪ ଜଣ ହିତାଧିକାରୀଙ୍କୁ ୨୦ ଅଗଷ୍ଟ ୨୦୧୯ରେ କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୨୦୨୦ ଫେବୃୟାରୀ ସୁଦ୍ଧା ମାତ୍ର ୨୨ଟି ସରିଛି। ଅନେକ ହିତାଧିକାରୀଙ୍କ ୯୫ ଦିନର ଟଙ୍କା ମଧ୍ୟ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦିଆଯାଇ ନ ଥିବା ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଏହି ସବୁ କାର୍ଯ୍ୟଗୁଡ଼ିକୁ କୋରାପୁଟ ପ୍ରକଳ୍ପ ନିର୍ଦ୍ଦେଶକ ବ୍ଲକସ୍ତରୀୟ ଅଧିକାରୀଙ୍କୁ ବାରମ୍ବାର ତାଗିଦ କରୁଥିବା ସତ୍ତ୍ୱେ ମଧ୍ୟ ଗରିବ ହିତାଧିକାରୀଙ୍କ କଥା ଶୁଣିବାକୁ ପ୍ରଶାସନ ନାରାଜ। ଏହାକୁ ନେଇ ବ୍ଲକ କାର୍ଯ୍ୟରେ ଆସିଥିବା ରାଣୀଗୁଡ଼ା ସରପଞ୍ଚ ସୁଭଦ୍ରା ଭୂମିଆ ଓ ପଖନାଗୁଡ଼ା ସରପଞ୍ଚ କହିଛନ୍ତି ଯେ, ଗ୍ରାମପଞ୍ଚାୟତସ୍ତରରୁ ଗରିବ ହିତାଧିକାରୀଙ୍କ ଆବାସ ଆବେଦନ ପାଖପାଖି ୫ଶହଟି ଦିଆଯାଇଥିବା ବେଳେ ସେଥିମଧ୍ୟରୁ ଅର୍ଦ୍ଧାଧିକ କୁଆଡ଼େ ଗାଏବ ହୋଇଯାଇଥିବା ଜଣାପଡ଼ିଛି।

